ଅହମଦୀୟା ମୁସଲିମ୍ ବୁକ୍ ଷ୍ଟଲ୍

ଖୋର୍ଦ୍ଧା, ୧୯।୧ (ସକାଳ ଖବର): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ ଅତ୍ରି(ବାଘମାରି) ମକର ମେଳା ଠାରେ ଏକ ବୁକ୍ ଷ୍ଟଲର ଆୟୋଜନ କରାଯାଇଛି । ଏହି ବୁକ୍ ଷ୍ଟଲ ପ୍ରାୟ ୩୨ ବର୍ଷ ଧରି ଲାଗି ଆସୁଛି । ଏହି ବୁକ୍ ଷ୍ଟଲରେ ଧାର୍ମିକ,ନୈତିକ ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଭିନ୍ନ ଜ୍ଞାନତ୍ମକ ଶିକ୍ଷଣୀୟ ଇଂରାଜୀ,ହିନ୍ଦୀ,ଉର୍ଦ୍ଦୁ ଏବଂ ଓଡିଆ ଭାଷାରେ ପୁସ୍ତକ ରହିଛି । ଏବର୍ଷ ଏହି ବୁକ୍ ଷ୍ଟଲରେ ପୁସ୍ତକ ‘‘ବିଶ୍ୱ ସଂକଟ ଏବଂ ଶାନ୍ତିର ପଥ, ଶାନ୍ତିର ବାର୍ତ୍ତା, ଇସଲାମ ଏବଂ ବିବେକ ସ୍ୱାଧୀନତା, ଇସଲାମରେ ନାରୀ’’ ଭଳି ପୁସ୍ତକ ଏଥର ବେଶ ଲୋକ ପ୍ରିୟ ହୋଇପାରିଛି । ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ମୁଖ୍ୟ ମୌଲାନା ଫଜଲ ହକ ଖାଁ ଏବଂ କେରଙ୍ଗ ଅହମଦୀୟା ମୁସଲିମ ପ୍ରଚାର ମୁଖ୍ୟ ମୌଲାନା ଜମାଲ ଶରିୟତ ଅହମଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି ଷ୍ଟଲର କରିଥିଲେ । ଏହି ଅବସରରେ ମୌଲାନା ଶମସୁଲ ହକ ଖାଁ ,ମୌଲାନା ଫଜଲ ହକ ଖାଁ ,ଅହମଦୀୟା ପ୍ରଚାର ବିଭାଗର ସେକ୍ରେଟାରୀ ସେକ କୁଦୁସଙ୍କ ସହ ବହୁତ ଗଣମାନ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଏହି ପୁସ୍ତକ ‘‘ବିଶ୍ୱ ସଂକଟ ଏବଂ ଶାନ୍ତିର ପଥ’’ଅହମଦୀୟା ମୁସଲିମ ସମ୍ପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କ ଦ୍ୱାରା ଲିଖିତ । ଏହି ପୁସ୍ତକରେ ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ବିଶ୍ୱର ସମସ୍ତ ଶକ୍ତିଶାଳୀ ରାଷ୍ଟ୍ରପତି ଏବଂ ପ୍ରଧାନ ମନ୍ତ୍ରୀମାନଙ୍କ ଗହଣରେ ଦିଆ ଯାଇଥିବା ବିଭିନ୍ନ ଉଦ୍‌ବୋଧନ ଓ ପତ୍ରଗୁଡିକୁ ସନ୍ନିବେସିତ କରାଯାଇଛି । ବିଶ୍ୱରେ ଆର୍ଥିକ ସଂକଟ ନୂଆ ନୂଆ ରୂପରେ ଅଧିକରୁ ଅଧିକ ବିପଦ ସୃଷ୍ଟି କରିଚାଲିଛି । ଦ୍ୱିତୀୟ ବିଶ୍ୱ ଯୁଦ୍ଧର ଠିକ ପୂର୍ବାବସ୍ଥା ଭଳି ସମୟ ଦେଖାଦେଇଛି । ଏପରି ଘଟଣା ସବୁ ଆକସ୍ମାତ ଘଟୁଛି,ଯାହା ପୃଥିବୀକୁ ତ୍ୱରିତ ବେଗରେ ଏକ ଭୟଙ୍କର ତୃତୀୟ ବିଶ୍ୱ ଯୁଦ୍ଧ ଅଭିମୁଖେ ନେଇଯାଉଥିବା ସ୍ପଷ୍ଟ ପ୍ରତୀୟମାନ ହେଉଛି । ଦ୍ରୁତଗତିରେ ଧାବମାନ ହେଉଥିବା ଆସନ୍ନ ବିପଦ ପ୍ରତି ପୃଥିବୀକୁ ସତର୍କ କରାଇ ଦେଇଛନ୍ତି । କିପରି ଏହି ଘୋର ବିପତ୍ତିକୁ ନିବାରଣ କରାଯାଇ ପାରିବ ଏବଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା କରାଯିବ,ତାହାର ସୁଚିନ୍ତିତ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରିଛନ୍ତି ବୋଲି ମୌଲାନା ଫରଜାନ ଖାଁ କହିଛନ୍ତି ।



ଧାମନଗର ବ୍ଲକରେ ୫ଟି ପଞ୍ଚାୟତ ଏନ୍ଏସି ଅଞ୍ଚଳରେ ତିନୋଟି ଜୋନ୍ ମଧ୍ୟରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ

ଖଡିଆଳ କ୍ଷୁଦ୍ର ଜଳସେଚନରେ ବିଭାଜନସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳିତ

ନୂଆପଡା, ୧୯।୧ (ସକାଳ ଖବର): ନୂଆପଡା ଜିଲ୍ଲା ଖଡିଆଳ କ୍ଷୁଦ୍ର ଜଳସେଚନ ବିଭାଜନ ତରଫରୁ ପାଣି ପଂଚାୟତ ପକ୍ଷ ପାଳିତ ହୋଇଯାଇଛି । ଏହି ପାଣି ପଂଚାୟତ ସଭାରେ ଜିଲ୍ଲାରେ ଥିବା ସମସ୍ତ ପାଣି ପଂଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ସହ ଚାଷି ମାନେ ଯୋଗଦାନ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଖଡିଆଳ କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରଭାକର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଖଡିଆଳ ଜିଲ୍ଲା କୃଷି ଅଧିକାରୀ ନରୋତମ ବେହେରା, ଖଡିଆଳ ପ୍ରାଣୀ ଚିକିତ୍ସକ ହେମଲତା ମେହେର ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ । ଏହି ସଭାରେ ଚାଷି ମାନଙ୍କୁ ଜଳର ମିତବ୍ୟୟତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କ୍ଷୁଦ୍ର ଜଳସେଚନ ଗୁଡିକ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରୁଥିବା ବେଳେ ନୂଆପଡା ଜିଲ୍ଲା ଏକ ମରୁଡି ପ୍ରଭାବିତ ଜିଲ୍ଲା ହୋଇଥିବାରୁ ଏହି ସମସ୍ୟାର ସମାଧାନ ନିମନ୍ତେ କିପରି ବୁନ୍ଦା ଜଳସେଚନ ବ୍ୟବସ୍ଥା ତଥା ଅନ୍ୟାନ୍ୟ ଆଧୁନିକ ପ୍ରଣାଳୀ ଅବଲମ୍ବନ ଦ୍ୱାରା ଧାନ ଭଳି ଏକ ବହୁଜଳ ବିନିଯୋଗ ଚାଷ ବଦଳରେ ଅଳ୍ପ ଜଳ ଦ୍ୱାରା ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରାଯାଇ ପାରିବ ବୋଲି ମତ ଆସିଥିଲା । ଏହା ସହ ଜାତୀୟ ଜଳବାୟୁ ପ୍ରକଳ୍ପ, ସବୁଜ ଜଳବାୟୁ ପ୍ରକଳ୍ପ ବିଷୟରେ ମଧ୍ୟ ବିଷଦ ଆଲୋଚନା ହୋଇଥିଲା । ନୂଆପଡା ଜିଲ୍ଲାରେ ଭାରତର ପ୍ରଥମ କରି ଆରମ୍ଭ କରାଯାଇଥିବା ଜାତୀୟ ଜଳବାୟୁ ବିନିଯୋଗ ପ୍ରକଳ୍ପ ବିଷୟରେ ପ୍ରକଳ୍ପ ପରିଚାଳକ ତଥା ସହକାରୀ ନିର୍ବାହୀଯନ୍ତ୍ରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଚାଷିଙ୍କୁ ଅବଗତ କରିଥିଲେ । ଏହା ସହିତ ଚାଷିଙ୍କୁ ଜୈବିକ ଚାଷର ପୁସ୍ତକ ପ୍ରଦାନ କରାଯାଇଥିବା ବେଳେ ଝିଲମିଲା, ରଜାମୁଣ୍ଡା, ରାଣିମୁଣ୍ଡା ଗ୍ରାମର ଚାଷିମାନେ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ଏହାସହ ଧାନର ଚାଷିଙ୍କୁ ମିଳୁଥିବା ଧାନର ଦର ସହ ୟୁରିଆ ଓ ଖତର ଦରକୁ ତୁଳନାତ୍ମକ ରୂପରେଖ ଦର୍ଶାଇଥିଲେ । ପ୍ରାଣୀ ଚିକିତ୍ସକ ଶ୍ରୀମତୀ ମେହେର ଚାଷିଙ୍କ ପାଇଁ ବିଭିନ୍ନ ପ୍ରକାରର ପଶୁ ପାଳନର ସରକାରୀ ପ୍ରୋତ୍ସାହନ ବିଷୟରେ ବୁଝାଇଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ଉନ୍ନତ ଚାଷ ପ୍ରଣାଳୀ ଉପରେ ମତ ରଖିଥିଲେ । ଅନ୍ୟପକ୍ଷରେ ଏନେଇ ଏହି ଅଞ୍ଚଳର ହାଇସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜଳ ସଂରକ୍ଷଣ, ଜଳର ଗୁଣବତ୍ତା ଏବଂ ଜଳ ମିତବ୍ୟୟତା ଉପରେ ପ୍ରତିଯୋଗୀତାରେ ଅନୁଷ୍ଠିତ ହୋଇଥିଲା । ୩ ଜଣ ଉତୀର୍ଣ୍ଣ ପ୍ରତିଯୋଗୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଆର୍ଥିକ ପୁରସ୍କୃତ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନୂଆପଡା କ୍ଷୁଦ୍ର ଜଳସେଚନ ସହକାରୀ ନିର୍ବାହୀଯନ୍ତ୍ରୀ ନଳିନୀକାନ୍ତ ମହାନ୍ତି, ସିନାପାଲି ସହକାରୀ ନିର୍ବାହୀଯନ୍ତ୍ରୀ ରଘୁନାଥ ମିଶ୍ରଙ୍କ ସମେତ ଖଡିଆଳ କ୍ଷୁଦ୍ର ଜଳସେଚନ ବିଭାଗର କର୍ମଚାରୀ ମାନେ ସହଯୋଗ କରିଥିଲେ ।

ଗଂଜାମ ଜିଲ୍ଲାରେ ଅପରାଧ ଦମନ ପାଇଁ ପୁଲିସର ଉଦ୍ୟମ

ଗଞ୍ଜାମ, ୧୯।୧ (ସକାଳ ଖବର): ଗଂଜାମ ଜିଲ୍ଲା ପୁଲିସ ବିଭାଗ ପାଇଁ ଚାଲେଂଜର ବର୍ଷ ହୋଇଛି । ଆଉ ଦିନ କେଇଟା ପରେ ସାଧାରଣ ନିର୍ବାଚନ ଏହା ପୁଲିସ ବିଭାଗ ପାଇଁ ବ୍ୟତିବ୍ୟସ୍ତର କାରଣ ପାଲଟିଛି । ଏହି ବର୍ଷକ ମଧ୍ୟରେ ଜିଲ୍ଲାରେ ୭୪ ହତ୍ୟାକାଣ୍ଡ, ୬୮ଟି ଦୁଷ୍କର୍ମ ଘଟଣା ଘଟିଛି । ଜନ ସାଧାରଣଙ୍କୁ ସୁରକ୍ଷା ଦେବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିଲ୍ଲାରେ କିଛି ନା କିଛି କାରଣ ତଥା ପୂର୍ବ ଶତୃତା, ରାଜନୈତିକ ଶତ୍ରୁତା, ଗୋଷ୍ଠୀ ବିବାଦ, ପ୍ରେମ ଆଦି ଘଟଣା ଲାଗି ହତ୍ୟାକାଣ୍ଡ ବଢ଼ି ବଢ଼ି ଚାଲିଛି । ଗତ ୨୦୧୮ ମସିହାରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ବ୍ରାହ୍ମଣଛାଇ (ହିଂଜିଳିକାଟୁ ଥାନା) ରେ ସରପଂଚ ପ୍ରାର୍ଥୀ ତଥା ଯୁବନେତା ବୁଲୁ ପ୍ରଧାନଙ୍କୁ ହତ୍ୟା, ବଡ଼ଗଡ଼ ଥାନା ଗାଙ୍ଗପୁରଠାରେ ଯୁବନେତା ସନ୍ୟାସୀ ସ୍ୱାଇଁଙ୍କୁ ହତ୍ୟା, ଆଉ ଡିସେମ୍ବର ମାସରେ ଆସିକା କଲେଜ ଛକରେ ବାହାନ ଲେଙ୍କାଙ୍କୁ ଗୁଳି କରି ହତ୍ୟା ଘଟଣା ଜିଲ୍ଲାରେ ବିସ୍ମୟ ଓ ଚାଂଚଲ୍ୟ ସୃଷ୍ଟି କରିଛି । ୨୦୧୮ ବର୍ଷରେ ଗଂଜାମ ଜିଲ୍ଲାରେ ୭୪ଟି ହତ୍ୟାକାଣ୍ଡ ଘଟିଛି । ଗଂଜାମ ପୁଲିସ ପକ୍ଷରୁ ମିଳିବା ତଥ୍ୟ ଅନୁସାରେ ୨୦୧୮ ମସିହାରେ ଜିଲ୍ଲାରେ ବିଭିନ୍ନ ଅପରାଧ ଘଟଣାରେ ୫୫୨୧ଟି ମାମଲା ରୁଜୁ ହୋଇଛି । ୬୬୫୫ ଜଣଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରେ ୩୦୨ ଜଣ ସ୍ତ୍ରୀ ଲୋକ ରହିଛନ୍ତି । ଏହି ମାମଲା ଗୁଡ଼ିକ ମଧ୍ୟରେ ୭୪ଟି ହତ୍ୟାକାଣ୍ଡ, ୬୮ଟି ଦୁଷ୍କର୍ମ, ୪୬ଟି ରାହାଜାନୀ, ୪୫ଟି ଲୁଟ୍, ୧୩୦ଟି ସିନ୍ଧି ଚୋରୀ, ୧୮୧ଟିରେ ମାମଲା ରହିଛି । ଗଂଜାମ ଜିଲ୍ଲାରେ ୨୦୧୮ରେ ୫୨୩ଟି ଦୁର୍ଘଟଣାରେ ୨୭୭୬ ଜଣ ମୃତ୍ୟୁ ଘଟିଛି । ବେପରୁଆ ଗାଡ଼ି ଚାଳନା ପାଇଁ ବିଭିନ୍ନ ଯାନ ବାହାନ ଉପରେ ଚଢ଼ାଉ କରି ୫୨ ଲକ୍ଷ ୬୦ ହଜାର ୪୫୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏବଂ ୨୨୬ ଜଣ ଗାଡ଼ି ଚାଳକଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ ସସପେଣ୍ଡ କରାଯାଇଛି । ଗତ ବର୍ଷ ୧୭୬୫ଟି ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ୩୩ ହଜାର ୩୪୮ ଲିଟର ବେଆଇନ ରନ୍ଧା ମଦ, ୯୫୯୩ ଲିଟର ଭାଟି ମଦ, ୩୨୪୨ ଲିଟର ବିଦେଶୀ ମଦ ଏବଂ ୧ ଲକ୍ଷ ୮୩ ହଜାର ୭୯୫ ଲିଟର ପୋଚ ଜବତ କରାଯାଇଛି । ଜିଲ୍ଲାରେ ପୂର୍ବ ବର୍ଷ ମାନଙ୍କ ତୁଳନାରେ ୨୦୧୮ରେ ବିଭିନ୍ନ ଅପରାଧ ମାମଲା ବୃଦ୍ଧି ପାଇଛି । ୨୦୧୫ ମସିହାରେମୋଟ ୪୬୨୩ ମାମଲାରେ ୬୮୨୩ ଜଣ ଗିରଫ ହୋଇଥିବା ବେଳେ ୨୦୧୬ରେ ୪୮୦୬ଟି ମାମଲାରେ ୭୪୬୩ ଜଣ ଏବଂ ୨୦୧୭ରେ ୪୯୩୨ ଟି ମାମଲାରେ ୧୬୩ ଜଣଙ୍କୁ ଗିରଫ କରାଯାଇଛି ।

ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ମୁନିଗୁଡା, ୧୯।୧ (ସକାଳଖବର) : ମୁନିଗୁଡା ତହସିଲ କାର୍ଯ୍ୟାଳୟ ପରିସରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଂଜିତା

ବେହେରା ଓ ଆକାଉଣ୍ଟ ଅଫିସର ବିଜୟ କୁମାର ବେବର୍ତାଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଶିବିରକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ବ୍ଲକ ଅଧକ୍ଷ ଶ୍ରୀଧର କରଡା, ଉପାଧକ୍ଷା ଧର୍ମିଷ୍ଠା ସମାନ୍ତ, ବିଡିଓ ଦିଲ୍ଲୀପ କୁମାର ବେହେରା ଓ ଜିଲ୍ଲା ଭିନ୍ନକ୍ଷମ ମହାସଂଘ ସଂପାଦକ ଅମରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୧୦ଟି ଷ୍ଟଲ ଖୋଲାଯାଇ ନୂତନ ଭାବେ ଆବେଦନ କରିଥିବା ହିତାଧିକାରୀଙ୍କ ପଞ୍ଜୀକରଣ କରାଯାଇଥିଲା । ଏହି ଶିବିରରେ ମୋଟ ୮୨୨ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ । ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡା. ଏମ. ସୁରେଶ କୁମାର, ଡା. ତ୍ରିଲୋଚନ ବାରିକ,ସଂଘମିତ୍ରା ପାତ୍ର ପ୍ରମୁଖଙ୍କ ସମେତ ଅନ୍ୟ ଡାକ୍ତରୀ ଦଳ ଉପସ୍ଥିତ ରହି ଚିକିତ୍ସା କରିଥିଲେ । ଏହି ଅବସରରେ ଭିନ୍ନକ୍ଷମ ଓ ସହାୟକ ଉପକରଣ, ପ୍ରମାଣପତ୍ର, ଭିନ୍ନକ୍ଷମ ଭତ୍ତା, ବସ୍‌ପାସ୍ ସହ ୩୧୧ଜଣ ହିତାଧିକାରୀଙ୍କୁ ବିଭିନ୍ନ ସାମଗ୍ରୀ ଓ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଡାକ୍ତରମାନେ ଶିବିରକୁ ବିଳମ୍ବରେ ଆସିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏହାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା । ଆଗାମୀ ଦିନରେ ଏଭଳି ଅବ୍ୟବସ୍ଥା ମାଧମରେ ଶିବିର ଆୟୋଜନ ନକରିବାକୁ ଭିନ୍ନକ୍ଷମମାନେ ଦାବି କରିଥିଲେ । ଏହି ଶିବିରକୁ ବ୍ଲକର କନିଷ୍ଠ ଯନ୍ତ୍ରୀ ଜୟ ପ୍ରକାଶ ନାରାୟଣ ଭଞ୍ଜରାୟ, ନିରଂଜନ ବେହେରା, ଏପିଓ ମାନସୀ ପାତ୍ରଙ୍କ ସମେତ ପିଇଓ ମାନେ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ ।

ସ୍କାଓଟ ଗାଇଡ ପରୀକ୍ଷାରୁ ଫେରୁଥିବା ଅଟୋ ଓଲଟିଲା, ୨ କଟକ ସ୍ଥାନାନ୍ତରିତ

କେନ୍ଦ୍ରାପଡ଼ା, ୧୯।୧(ସକାଳ ଖବର):ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ପତ୍ରପୁର ପୋଲ ନିକଟରେ ଅଟୋ ଓଲଟି ୪ ଜଣ ଛାତ୍ର ଛାତ୍ରୀ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି । ସମସ୍ତ ଆହତଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି । ଖବର ପାଇ ଜିଲ୍ଲାପାଳ ଦାଶରଥୀ ଶତପଥୀ, ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ କେନ୍ଦ୍ରାପଡା ଡାକ୍ତରଖାନାକୁ ପଠାଇ ଆହତ ମାନଙ୍କୁ ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ ପତ୍ରପୁରର ଏସକେସି ହାଇସ୍କୁଲରେ ବିଦ୍ୟାଳୟ ସ୍ତରୀୟ ସ୍କାଉଟ ଓ ଗାଇଡ ପକ୍ଷରୁ ଅନୁଷ୍ଠିତ ପରୀକ୍ଷା କାର୍ଯ୍ୟକ୍ରମରେ ଭାଗ ନେବାପାଇଁ ମହାକାଳପଡାର ରାମଚନ୍ଦ୍ରପୁର ଗ୍ରାମର ଉତ୍ସବେଶ୍ୱର ହାଇସ୍କୁଲର ୪ ଜଣ ଛାତ୍ର ଛାତ୍ରୀ ଶୁକ୍ରବାର ସକାଳେ ପରୀକ୍ଷାରେ ଭାଗ ନେବାକୁ ଯାଇଥିଲେ । ସ୍କାଉଟ ଓ ଗାଇଡର ୩ୟ ସୋପାନ ପରୀକ୍ଷା ସମାପ୍ତି ପରେ ଛାତ୍ର ଛାତ୍ରୀମାନେ ଅଟୋ ଯୋଗେ ଘରକୁ ଫେରୁଥିବା ବେଳେ ପତ୍ରପୁର ଠାରେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଟ୍ରକକୁ ରାସ୍ତା ଦେବାକୁ ଯାଇ ଚାଳକ ଭାରସାମ୍ୟ ହରାଇଥିଲେ । ଫଳରେ ଅଟୋ ରାସ୍ତା ଉପରୁ ତଳକୁ ଖସିଯାଇଥିଲା ।

ବାରିପଦା ପୌରପରିଷଦରେ ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ

ବାରିପଦା, ୧୯।୧ (ସକାଳ ଖବର): ଗୃହ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଓ ବାରିପଦା ପୌରପରିଷଦର ସହାୟତାରେ ଶୁକ୍ରବାର ପୌରପରିଷଦର ୨୮ଟି ୱାର୍ଡରେ ପିଠା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ତେବେ ବାରିପଦା ପୌରପରିଷଦର ୨୮ଟି ୱାର୍ଡରେ ପ୍ରତି ୪ଟି ୱାର୍ଡକୁ ନେଇ ୭ଟି ପିଠା ଯୋଜନା କ୍ୟାମ୍ପର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ତେବେ ପ୍ରଥମ କ୍ୟାମ୍ପଟି ୱାର୍ଡ ନମ୍ବର ୨, ୩, ୧୮ ଏବଂ ୨୬କୁ ନେଇ ଜଗଦ୍ଧାତ୍ରୀ ପଡିଆ ଠାରେ ଶୁଭାରମ୍ଭ ହୋଇଥିବା ବେଳେ ଦ୍ୱିତୀୟ କ୍ୟାମ୍ପଟି ୱାର୍ଡ ନମ୍ବର ୧, ୫, ୭ ଏବଂ ୮କୁ ନେଇ ସିରିଡିସାଇ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଛି। ସେହିପରି ତୃତୀୟ କ୍ୟାମ୍ପଟି ୱାର୍ଡ ନମ୍ବର ୪, ୬, ୧୦ ଏବଂ ୧୬କୁ ନେଇ ଜୁବୁଲି ଲାଇବ୍ରେରୀ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଚତୁର୍ଥ କ୍ୟାମ୍ପଟି ୱାର୍ଡ ନମ୍ବର ୧୭, ୧୯, ୨୧ ଏବଂ ୨୨କୁ ନେଇ ତେଲକୋ ପଡ଼ିଆ ଠାରେ ଆୟୋଜିତ ହୋଇଛି ।

ସେହିପରି ପଂଚମ କ୍ୟାମ୍ପଟି ୱାର୍ଡ ନମ୍ବର ୯, ୧୩, ୧୪ ଏବଂ ୨୦କୁ ନେଇ ସୁନଗଡିଆ କାର୍ତିକେଶ୍ୱର ପୂଜା ପଡିଆ, ଷଷ୍ଠ କ୍ୟାମ୍ପଟି ୱାର୍ଡ ନମ୍ବର ୧୧, ୧୨, ୨୫ ଏବଂ ୨୮କୁ ନେଇ ଷ୍ଟେସନ ପଡ଼ିଆ ଏବଂ ଶେଷ କ୍ୟାମ୍ପଟି ୱାର୍ଡ ନମ୍ବର ୧୫, ୨୩, ୨୪ ଏବଂ ୨୭କୁ ନେଇ ଗୋଶାଳା ଛକ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଛି। ତେବେ ଜୁବୁଲି ପଡ଼ିଆ ଠାରେ ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭରେ ମୁଖ୍ୟଅତିଥି ଭାବେ ବାରିପଦା ପୌରପରିଷଦ ନଗରପାଳ ବର୍ବିତା ଦାସ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମର ନୋଡାଲ ଅଫିସର ଦୀପ୍ତିଲତା ମିଶ୍ର, କୋ ଅଡିନେଟର ପ୍ରୀୟା ମିଶ୍ର, ୧୦ ନମ୍ବର ୱାର୍ଡ କାଉନସିଲର ସୁଚିସ୍ମିତା ମହାନ୍ତି, ୬ ନମ୍ବର ୱାର୍ଡ କାଉନସିଲର ନିରୋଜ ସାହୁ,୧୬ ନମ୍ବର ୱାର୍ଡ କାଉନସିଲର ସରୋଜ କୁମାର ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ୱାର୍ଡରେ ମହିଳାମାନେ ଆରିଶା ପିଠା ସହ ଚା ଲୋକମାନଙ୍କୁ ପ୍ରଦାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଜାତୀୟ ଖାଦ୍ୟ ଯୋଜନାରୁ ବାଦ୍ ପଡ଼ିଥିବା ପ୍ରତ୍ୟେକ ଗରିବ, ନିଃସହାୟ ଓ ଯୋଗ୍ୟ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପିଠା ଯୋଜନା ଆରମ୍ଭ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ମୋଦିଙ୍କ ବିରୁଦ୍ଧରେ...

ସବୁ ବଦଳାଇ ଦେଉଛନ୍ତି ତେବେ କଣ ପାଇଁ ନିଜେ ବଦଳୁ ନାହାନ୍ତି । କିନ୍ତୁ ଏବେ ଆମେ ମୋଦି ସରକାର ବଦଳାଇ ଦେବୁ । ମୋଦୀ ସରକାରଙ୍କୁ ଟାର୍ଗେଟ୍ କରି ମମତା କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ସେ ଦୁଇ କୋଟି ଲୋକଙ୍କୁ ରୋଜଗାର ଦେବା କଥା କହିଥିଲେ ମାତ୍ର ଏମାନଙ୍କ କାର୍ଯ୍ୟକାଳରେ କୋଟି କୋଟି ଲୋକ ବେରୋଜଗାର ହୋଇଗଲେ ।

ପାପୀଙ୍କ...

ନାବାଳିକାଙ୍କ ବୟାନ ରେକର୍ କରାଯିବା ସହିତ ତାଙ୍କର ଡାକ୍ତରୀମାଇନା କରାଯାଇଛି । ପୀଡ଼ିତାଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବା ନେଇ ପୋଲିସ ସୂତ୍ରରୁ ସୂଚନା ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ଦିନ ତଳେ ପ୍ରଥମେ କନ୍ଧମାଳ ଦାରିଙ୍ଗବାଡ଼ି ଅଂଚଳରେ ଏକ ଆବାସିକ ସ୍କୁଲରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । ପରେ ଯାଜପୁର ଜିଲ୍ଲାର କଳିଙ୍ଗନଗର ଏବଂ ଗତକାଲି କୋନାଳରୁ ଏମିତି ଏକ ଖବର ସାମ୍ନାକୁ ଆସିଥିଲା । ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବା ସହିତ ସାଧାରଣରେ ଏନେଇ ବ୍ୟାପକ ଜନସଚେତନତା ସୃଷ୍ଟି କରିବା, ମାମଲାର ତ୍ୱରିତ ଶୁଣାଣୀ ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦିଗରେ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି ।

ମୁକୁଳା...

ସାଢ଼େ ୭ଟା ସମୟରେ ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ ସିଦ୍ଧ ମହାବୀର ରେଳ ଫାଟକ ଅତିକ୍ରମ କରିଥିଲା । କିନ୍ତୁ, ଏହି ସମୟରେ ରେଳ ଫାଟକ ପଡିନଥିଲା । ଟ୍ରେନ୍ ଆସୁଥିବା ଦେଖି ପଥଚାରୀ ଓ ଅନ୍ୟାନ୍ୟ ଯାନବାହନ ଟ୍ରାକ୍ ର ଉଭୟ ପାର୍ଶ୍ୱରେ ଅଟକି ଯାଇଥିଲେ । ଫଳରେ ଏକ ବଡ ଧରଣର ଦୁର୍ଘଟଣା ଅଳ୍ପକେ ଟଳି ଯାଇଥିଲା । ରେଳ ବିଭାଗ ପକ୍ଷରୁ ଏନେଇ ତଦନ୍ତ ଜାରୀ ରହିଛି । ଅନ୍ୟପକ୍ଷରେ ସକାଳେ ଓ ସଂନ୍ଧ୍ୟା ସମୟରେ ଏହି ରେଳ ଫାଟକ ନିକଟରେ ପ୍ରବଳ ଭିଡ଼ ରହୁଥିବାରୁ ତଥା ଅନେକ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଥିବାରୁ ଏଠାରେ ଏକ ଓଭର ବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇ ଆସୁଛି ।

ମାୟାଧରଙ୍କ ଶୀତବିରୋଧୀ ମହାଯୁଦ୍ଧର ଅସଲ ଆହ୍ୱାନ-କ୍ଷୁଧାମୁକ୍ତ ବିଶ୍ୱ

ଭୁବନେଶ୍ୱର,୧୯।୧ (ସକାଳ ଖବର): ‘ଥିଲେ ଦିଅ, ନଥିଲେ ନିଅ’- ମାୟାଧର ନାୟକଙ୍କ ନିଆରା ନାରା ସମଗ୍ର ଓଡିଶାରେ ଶୀତ ବିରୋଧୀ ମହାଯୁଦ୍ଧ ଡିସେମ୍ବର ୩୦ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୧୭ ତାରିଖରେ ୧୯ ଦିନ ଧରି ୧୯ ଜିଲ୍ଲା ୧୯୦୪ କିଲୋମିଟର ରାସ୍ତା ଯାଜପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ, ସୋନପୁର, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, ଫୁଲବାଣୀ, କଳାହାଣ୍ଡି, ନୂଆପଡା, ବରଗଡ, ସମ୍ବଲପୁର, ଅନୁଗୁଳ, ରାୟଗଡା ଓ କୋରାପୁଟ ଜିଲ୍ଲା ପରିକ୍ରମା କରିଛନ୍ତି । ଜାନୁଆରୀ ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ସଂଗୃହିତ ନୂଆ ପୁରୁଣା ଶୀତବସ୍ତ୍ର ଓ ଅନ୍ୟାନ୍ୟ ପୋଷାକ ପାଖାପାଖି ୯ ହଜାର ଶୀତ ପୀଡିତ ଅସହାୟଙ୍କୁ ବଣ୍ଟନ କରାଯାଇଛି। ବ୍ୟାସନଗର ଇନ୍ଦିରାଶ୍ରମରୁ ଶିକ୍ଷାବିତ୍ ଶ୍ରୀମତୀ ଇନ୍ଦିରା ଦାସଙ୍କ ଦ୍ୱାରା ଉଦ୍ଘାଟିତ ଶୀତ ବିପ୍ଳବର ଶୁଭାରମ୍ଭ ଏକ ମହାଯୁଦ୍ଧରେ ପରିଣତ ହୋଇଛି। ବିଭିନ୍ନ ଖବରକାଗଜ ଓ ଟେଲିଭିଜନ୍‌ରେ ପ୍ରକାଶିତ ଓ ପ୍ରସାରିତ ସମ୍ବାଦ ସାରା ଓଡିଶାର ଜନଗଣଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ଆଜାଦୀ ଠେଙ୍ଗାବାହିନୀର କମାଣ୍ଡର ୭୬ ବର୍ଷର କୃଷକ ଲକ୍ଷ୍ମଣ ଦାସ, ଆଇ.ସି.ପି. (ଇଣ୍ଡିଆନ୍ କମ୍ୟୁନିଟି

ପୋଲିସ୍)ଙ୍କ ନେତୃତ୍ୱରେ ୩୫ ଜଣ ସୈନିକ ମାୟାଧର ନାୟକଙ୍କ ନିର୍ଦ୍ଦେଶରେ ୪ଟି ବୋଲେରୋ, ଏକ ବଡ ଆଇଚର୍ ଟ୍ରକ୍‌ରେ ଶୀତବସ୍ତ୍ର ଭର୍ତି କରି ଶୀତ ପୀଡିତ ଅସହାୟ ମାନଙ୍କୁ ଯୋଗାଇ ଦେଇଥିଲେ ଏବଂ ବିଭିନ୍ନ ଜିଲ୍ଲାରୁ କିଛି ବଦାନ୍ୟ ବ୍ୟକ୍ତି ନୂଆ ପୁରୁଣା ବସ୍ତ୍ର ମଧ ଦାନ କରିଥିଲେ ବୋଲି ୧୮ ତାରିଖ ଭୁବନେଶ୍ୱର ସାମ୍ବାଦିକ ସମ୍ମିଳନୀରେ ମାୟାଧର ନାୟକ କହିଛନ୍ତି।

ସମ୍ବର୍ଦ୍ଧନା ଓ ପଥପ୍ରାନ୍ତ ସଭାରେ ଶ୍ରୀ ନାୟକ ସମଗ୍ର ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ, ଯେଉଁମାନେ ଏ ହେମାଳ ଜାଡର ଦାଉରେ ହନ୍ତସନ୍ତ, ସେମାନଙ୍କ ପାଇଁ ଆମେ ସବୁ ହେବା ଶୀତ ଋତୁର ମିତ । ଆମଠୁଁ ଲୋଡୁଛନ୍ତି ଅଳ୍ପ ଟିକେ ଉଷୁମୁଆଦର । ତାଙ୍କପାଇଁ ଯତ୍ନ ସହକାରେ ଯୋଗାଇଦିଅନ୍ତୁ ଶୀତବସ୍ତ୍ର । ଘରବାହାରେ ଗୋଟେଗୋଟେ ଶୀତ ପୀଡିତସଂସାର ଆପଣମାନଙ୍କ ଆନ୍ତରିକତା ଅପେକ୍ଷାରେ । ଯାହାଙ୍କ ପାଖରେ ବଳକାବସ୍ତ୍ର ଅଛି ଦିଅନ୍ତୁ ଯାହାଙ୍କ ପାଖରେନାହିଁ ସେମାନେ ନିଅନ୍ତୁ । ଯାହା ଦେବେ ଶ୍ରଦ୍ଧାରେ-ଏଥିପାଇଁ ବାଧ ବାଧକତା ନାହିଁ। ଏ ଶୀତରେ ଓଡିଶା ଥରୁ ପଛେ, କିନ୍ତୁ ହାରି ନଯାଉ କଦାପି-ଏହା ହିଁ ହେଉ ନୂଆ ବର୍ଷର ନିଆରାପଣ ଆମ ସମସ୍ତଙ୍କର । ଦୁଃଖୀଜନତାର ଶୁଖିଲା ଓଠରେ ଚେନାଏ ସ୍ମିତହସ ଫୁଟାଇବା ପାଇଁ ଆସନ୍ତୁ ସମସ୍ତେ ହେବା ଶୀତଋତୁର ମିତ-ଗାଇଯିବା ଚିରବସନ୍ତର ଉଷୁମ୍ ଗୀତ । ସର୍ବଭାରତୀୟ ଆଜାଦୀ ଠେଙ୍ଗାବାହିନୀର ମେଜର ଜେନେରାଲ ଚିଫ୍ କମାଣ୍ଡର ବିପ୍ଳବୀ ନେତା ମାୟାଧର ନାୟକ ରାଜଧାନୀରେ ଉତ୍କଳମଣୀ ଗୋପବନ୍ଧୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ ଦେଇ ନୀଳପତାକା ଦେଖାଇ ଶୀତବିପ୍ଳବର ଅଭିଯାତ୍ରୀମାନଙ୍କୁ ଦାରିଙ୍ଗିବାଡି ଅଭିମୁଖେ ଯୁଦ୍ଧଯାତ୍ରା କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଶୀତ ବିରୋଧୀ ଏ ମହାଯୁଦ୍ଧକୁ ବିଭିନ୍ନ ସ୍ଥାନରେ ବିପୁଳ ସମ୍ବର୍ଦ୍ଧନା ଦେବା ସହ ରହଣୀ ଓ ଖାଦ୍ୟପେୟର ବନ୍ଦୋବସ୍ତ କରିଥିଲେ । ସମାଜସେବୀ ଡଃ. ଗୌରାଙ୍ଗ ରାଉତ, ୯୦ ବର୍ଷର ବିଶିଷ୍ଟ ଗାନ୍ଧିବାଦୀ ପୂର୍ବତନ ଏମ୍.ପି. ଏ.ଭି. ସ୍ୱାମୀ, ସ୍ୱାମୀ ଧର୍ମାନନ୍ଦ, ଶ୍ରୀମତୀ ରୋସନାରା ମହାନ୍ତି, ସମାଜସେବୀ ସୁରେଶ ପ୍ରଧାନ, ଶକ୍ତି ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ସମାଜସେବୀ ସୁରେନ୍ଦ୍ରନାଥ ପ୍ରଧାନ ପ୍ରମୁଖ ଶୀତ ବିପ୍ଳବର ସୂତ୍ରଧର ଏ ମହାଯୁଦ୍ଧର ମହାନାୟକ ମାୟାଧର ନାୟକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ । ଏ.ଭି. ସ୍ୱାମୀ ଭାବବିହ୍ୱଳ ହୋଇ କହିଥିଲେ ‘ଥିଲେ ଦିଅ, ନଥିଲେ ନିଅ’ ଅଭିନବ ନାରାକୁ ଜାତିରପିତା ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଙ୍କ ପରେ ମାୟାଧର ନାୟକଙ୍କ ଶୀତ ବିରୋଧୀ ମହାଯୁଦ୍ଧ ସମକକ୍ଷ ।

ସଂପ୍ରତି ସର୍ବଭାରତୀୟ ଆଜାଦୀ ଠେଙ୍ଗାବାହିନୀ (ଇଣ୍ଡିଆନ୍ କମ୍ୟୁନିଟି ପୋଲିସ୍) କମାଣ୍ଡର କୃଷକ ଲକ୍ଷ୍ମଣ ଦାସ ଓଡିଶାର ୩୦ ଜିଲ୍ଲାରେ ୧୫ ହଜାର, ଭାରତର ୨୪ ରାଜ୍ୟରେ ୨୨ ହଜାର, ବିଦେଶରେ ୯ଟି ଦେଶରେ ୪ ହଜାର, ସମୁଦାୟ ୪୧ ହଜାର ଆଜାଦୀ ଠେଙ୍ଗାବାହିନୀ ସୈନିକମାନଙ୍କୁ ମାୟାଧର ନାୟକଙ୍କ ନେତୃତ୍ୱରେ ପରିଚାଳିତ ହେବାପାଇଁ ଡିସେମ୍ବରରେ ପୁରୀ ଠାରେ ଘୋଷଣା କରିଥିଲେ। ଶ୍ରୀ ନାୟକଙ୍କୁ ମେଜର ଜେନେରାଲ ଚିଫ୍ କମାଣ୍ଡର ଭାବେ ଆସନ୍ତା ମାର୍ଚ୍ଚ ମାସରେ ରାଜଧାନୀ ଭୁବନେଶ୍ୱର ଠାରେ ଅଭିଷେକ ଉତ୍ସବ ପାଇଁ ବିଶ୍ୱ ଆଜାଦୀ ଠେଙ୍ଗାବାହିନୀର ମହାମିଳନ ହେବ । ଭୋକିଲା ପେଟକୁ ଖାଦ୍ୟ ଦେବା ସବୁଠୁ ବଡ ସଂକଳ୍ପ ବୋଲି ଜାତିର ପିତା ମହାତ୍ମା ଗାନ୍ଧୀ କ୍ଷୁଧାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେଇଥିଲେ । ଏବେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷୁଧାମୁକ୍ତ ଓଡିଶା ଗଠନ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି । ମାୟାଧର ନାୟକ କ୍ଷୁଧାମୁକ୍ତ ବିଶ୍ୱ ଗଠନ ପାଇଁ ଆହ୍ୱାନ ଦେଉଛନ୍ତି ।